## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପୋଲସରା,(ସୁବ୍ରତ ବେହେରା): ପୋଲସରା ବସଷ୍ଟାଣ୍ଡ ଠାରେ ଥିବା ଏକ ଲଜ୍‌ରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ସୋଡକ ଗ୍ରାମ ଜଗନ୍ନାଥ ମନ୍ଦିର ପଛସାହିର ରବିନ୍ଦ୍ର ଭଞ୍ଜଦେଓ। କୌଣସି କାରଣରୁ ସେ ଅପରାହ୍ନ ୧୨ଟା ୩୦ରେ ରେ ଘରୁ ବାହାରି ପୋଲସରା ଆସିଥିବା ବେଳେ ସନ୍ଧ୍ୟାରେ ଲଜରୁ ତାଙ୍କ ମୃତଦେହ ମିଳିଥିବା ପରିବାରକୁ ଖବର ଆସିଥିଲା। ତାଙ୍କୁ କେହି ହତ୍ୟା କରିଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି।

**ସଂକ୍ଷେପରେ**

## ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ଖଜୁରିପଡ଼ା,୨୭।୨ (ବିଦୁର ବେହେରା)

ଖଜୁରିପଡ଼ା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଶୁଭଶ୍ରୀ ରଥ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସୌମ୍ୟ ରଞ୍ଜନ ପାତ୍ର ଖଜୁରିପଡ଼ା ତହସିଲଦାର ଥିଲେ। ସେ ଫୁଲବାଣୀ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ବଦଳି ହେବା ପରେ ତାଙ୍କ ସ୍ଥାନରେ ଶୁଭଶ୍ରୀ ରଥଙ୍କୁ ଖଜୁରିପଡ଼ା ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହା ପୂର୍ବରୁ ସୁବର୍ଣ୍ଣପୁର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ସୋରଡ଼ା,୨୭।୨ (ରଜନୀ ମହାପାତ୍ର)

ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ସୋରଡ଼ା ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିରକୁ ମହାବିଦ୍ୟାଳୟ ଅଧକ୍ଷ ରମେଶ ଚନ୍ଦ୍ର ପାଢି ଉଦ୍‌ଘାଟନ କରିବା ସହ ଛାତ୍ରୀ ଆତ୍ମରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅଧାପିକା ସିପ୍ରା ପାତ୍ର, ଅଧାପକ ଶୟଦ ଆଜମି, କ୍ରିଡା ଶିକ୍ଷକ ତପନ ସାହୁ ଓ ଅଧାପିକା ମଧୁସ୍ମିତା ନାୟକ ନିଜ ନିଜ ମତ ରଖିଥିଲେ। ଆତ୍ମରକ୍ଷାର ମାଷ୍ଟର ଟ୍ରେନର ଭାବେ କାଜଲ ବେହେରା, ଯସ୍ମିତା ଦଳବେହେରା ଯୋଗ ଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷାର ତାଲିମ ପ୍ରଦାନ କରୁଛନ୍ତି। ଏହି ଶିବିର ଆଗାମୀ ୧୦ ଦିନ ଯାଏଁ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

# ଗାଡ଼ି ଯାଞ୍ଚ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ



ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

### ଛତ୍ରପୁର ଉପଖଣ୍ଡସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ

ଛତ୍ରପୁର,୨୭।୨ (ଦିଲୀପ ସାମଲ):

ଛତ୍ରପୁର ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଉପଜିଲାପାଳ ଶିବାଶିଷ ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ୬ଲକ୍ଷ ୬୯ହଜାର ୬୬୫ଟି ଗାଡି ଚଳାଚଳ କରୁଛି। ୨୦୨୩ ଅପେକ୍ଷା ୨୦୨୪ରେ ଦୁର୍ଘଟଣାରେ ମୃତ୍ୟୁହାର ୩ ପ୍ରତିଶତ କମିଥିଲେ ମଧ ସଡ଼କ ଦୁର୍ଘଟଣା ସଂଖ୍ୟା ୧୦ ପ୍ରତିଶତ ବଢିଛି ବୋଲି ଏମଭିଆଇ ରବିନ୍ଦ୍ର ନାଥ ଜେନା କହିଥିଲେ। ଜିଲାରେ ୩ଟି ସବଡିଭିଜନ ମଧରୁ ଛତ୍ରପୁର ସବଡିଭିଜନରେ ଦୁର୍ଘଟଣା ହାର ୪୦ ପ୍ରତିଶତ, ଭଞ୍ଜନଗର ୨୫ ପ୍ରତିଶତ ଓ ବ୍ରହ୍ମପୁର ସବଡିଭିଜନରେ ୩୫ ପ୍ରତିଶତ ବୋଲି ବୈଠକରେ କୁହାଯାଇଥିଲା । ଏହା କିପରି କମିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ଛତ୍ରପୁର ସବଡିଭିଜନରେ ୨୦୨୪ ଜାନୁଆରୀରେ ୪୨ଟି ସଡକ ଦୁର୍ଘଟଣା ହୋଇଥିବା ବେଳେ ୨୦୨୫ରେ ୪୭ଟି ସଡକ ଦୁର୍ଘଟଣା ହୋଇଛି । ଗଞ୍ଜାମ ପୋଲିସ ଜିଲାରେ ଖଲ୍ଲିକୋଟ ଥାନା ଅଞ୍ଚଳରେ ସର୍ବାଧିକ ୫୮ ଦୁର୍ଘଟଣା ହୋଇଥିବା କୁହାଯାଇଥିଲା। ମଦ୍ୟପାନ କରି ୨୪ ପ୍ରତିଶତ ଦୁର୍ଘଟଣା ହେଉଥିବାରୁ ପୋଲିସ ଓ ପରିବହନ ବିଭାଗକୁ ଅଧିକରୁ ଅଧିକ ଯାଞ୍ଚ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କାର ଦୁର୍ଘଟଣାରେ ମୃତ୍ୟୁହାର ୩୯ ପ୍ରତିଶତ ଓ ବାଇକ୍ ଦୁର୍ଘଟଣାରେ ମୃତ୍ୟୁହାର ୩୧ ପ୍ରତିଶତ ରହିଛି । ଏହସହ ଜାତୀୟ ରଜପଥରେ ଯେଉଁଠି ଆବଶ୍ୟକ ସାଇନବୋର୍ଡ ତାହା ଲଗାଇବାକୁ ଏନଏଚଏଆଇ ବିଭାଗକୁ କୁହାଯାଇଛି । ଯେଉଁ ଏନଏଚଏଆଇ ରାସ୍ତା ଖରାପ ରହିଛି ତାହାର ମରାମତି କରିବାକୁ ମଧ କୁହାଯାଇଥିଲା । ଗାଇଗୋରୁ ପାଇଁ ଅଧିକ ଦୁର୍ଘଟଣା ହେଉଥିବା ବୈଠକରେ ଆଲୋଚନା କରାଯାଇଥିଲା । ଗୁଡ ସମିରିଟାନ ଓ ସୋଲାସିୟମ ଯୋଜନା ସଂର୍ପକରେ ଆଲୋଚନା ହୋଇଥିଲା। ଦୁର୍ଘଟଣାରେ ଆହତଙ୍କୁ କୌଣସି ବ୍ୟକ୍ତି ତୁରନ୍ତ ମେଡିକାଲ ପଠାଇଲେ ଦୁଇ ହଜାର ଟଙ୍କାର ଗୁଡ ସମିରିଟାନ ହିସାବରେ ୨ହଜାର ଟଙ୍କା ପୁରସ୍କାର ମିଳିଥାଏ । ଅଜଣା ଗାଡି ଧକ୍କାରେ ଆହତ ହେଲେ ୫୦ ହଜାର ଟଙ୍କା କିମ୍ବା ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କା ପରିବାରକୁ ମିଳିଥାଏ । ୨୦୨୪ରେ ୨୮ଟି ମାମଲା ଛତ୍ରପୁର ସବଡିଭିଜନର ବିଭିନ୍ନ ଥାନାରେ ପେଣ୍ଡିଙ୍ଗ ଥିବା କୁହାଯାଇଥିଲା। ୨୦୨୫ ଜାନୁଆରୀରେ ଗଞ୍ଜାମ ଜିଲାରେ ଦ୍ରୁତ ଗତିରେ ଗାଡି ଚଳାଇବା ବେଳେ ୧୨୭ ଜଣ ଧରାପଡିଥିବା ବେଳେ ହେଲମେଟ ନ ପିନ୍ଧି ୪୦୫୯, ସିଟ ବେଲଟ ନ ପିନ୍ଧି ୬୮, ଗାଡି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର କରୁଥିବା ବେଳେ ୫୮ଜଣ, ମଦ୍ୟପାନ କରି ଗାଡି ଚଳାଉଥିବା ବେଳେ ୨୭୪ଜଣ, ୩ ଜଣ ବସି ଯାଉଥିବା ବେଳେ ୫୬ଜଣ, ବିପରୀତ ଦିଗରେ ଗାଡି ଚଳାଉଥିବା ବେଳେ ୬୨୯ଜଣ, ୪ଜଣ ନାବଳକ ଗାଡି ଚଳାଉଥିବା ବେଳେ ଧରାପଡିଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି । ଜିଲାରେ ଗୋଟିଏ ଟ୍ରମା କେୟର ବ୍ରହ୍ମପୁରରେ ରହିଥିବା ବେଳେ ଆସିକା,ଭଞ୍ଜନଗର ଓ ଖଲ୍ଲିକୋଟରେ ହେବାକୁ ରହିଛି । ଏନଏଚଏଆଇ ରେ ଆଉ ଗୋଟିଏ ଆମ୍ବୁଲାନ୍ସ ରଖିବାକୁ ଏନଏଚଏଆଇ ବିଭାଗକୁ କୁହାଯାଇଛି । ବୈଠକରେ ଗଞ୍ଜାମ ଏମଭିଆଇ ରବିନ୍ଦ୍ର ନାଥ ଜେନା,ଛତ୍ରପୁର ପୁଲିସ ଏସଡିପିଓ ଚନ୍ଦନ ଘଡେଇ, ଛତ୍ରପୁର ଭାରପ୍ରାପ୍ତ ତହସିଲଦାର ଲୋପାମୁଦ୍ରା ରଥ,ଛତ୍ରପୁର ମେଡିକାଲ ଭାରପ୍ରାପ୍ତ ସୁପରିଡେଂଟ ଡ,ସୁର୍ଦଶନ ସାହୁ , ଏନଏଚଏଆଇ ବିଭାଗ, ବସ,ଟ୍ରକ,ଅଟୋ ଚାଳକ ଆସୋସିଏଶନ,ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦି ଉପସ୍ଥିତ ଥିଲେ ।

## ଗୋ ୱେଲ୍ ଅଲିମ୍ପିଆନ୍ ପ୍ରତିଯୋଗିତାରେ ସେଣ୍ଟ ଜନ୍ ସ୍କୁଲର ସଫଳତା



ଉପସ୍ଥିତ କୃତୀ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟତ୍ରୀ ଶିକ୍ଷକ

ବାଲିଗୁଡ଼ା,୨୭।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ଗୋ ୱେଲ୍ ଅଲମ୍ପିଆନ୍ ସଙ୍ଗଠନ ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବାଲିଗୁଡ଼ା ସେଣ୍ଟ ଜନ୍ ସ୍କୁଲ୍‌ରେ ଉଚ୍ଚ କୋଟିର ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଏହି ପ୍ରତିଯୋଗିତାରେ ବାଲିଗୁଡ଼ା ସେଣ୍ଟ ଜନ୍ ସ୍କୁଲ୍ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତେବେ ସେଥିରୁ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚକୋଟିର ପ୍ରଦର୍ଶନ କରି ସ୍ୱର୍ଣ୍ଣ, ରୋପ୍ୟ ଓ କାଂସ୍ୟ ପଦକ ହାତେଇଛନ୍ତି। ଅଧକ୍ଷା ସିଷ୍ଟର ନମିତା କୁଲୁଙ୍କ ଅଧକ୍ଷତାରେ ସ୍କୁଲ୍ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଧକ୍ଷାଙ୍କ ସମେତ ଉପାଧକ୍ଷ ଫାଦେର ମନୋରଞ୍ଜନ ସିଂ, ଫାଦେର ଉଦୟନାଥ ବିଷୋୟୀଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରଙ୍କୁ ମେଡାଲ୍ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପିତା ପି.ସିଂ, ସିଷ୍ଟର ରେଖା, ସିଷ୍ଟର ଅଞ୍ଜଳି ଦାସ, ଶିକ୍ଷକ ଏସରାନ୍ ଦିଗାଲ, ଲକ୍ଷ୍ମିକାନ୍ତ ନାୟକ, ବିଶ୍ୱଜିତ ନାୟକ, ଶିକ୍ଷୟିତ୍ରୀ ସ୍ୱାଗତିକା ପୃଷ୍ଟିଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀଙ୍କ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ଆସିକା,୨୭।୨ (ସୁରେନ୍ଦ୍ର ନାଥ ସାହୁ):

ଆସିକା ପଞ୍ଚାୟତ ସମିତି ସଭା ଗୃହରେ ଗୁରୁବାର ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ତ୍ରିବେଣୀ ନାହାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସିକା ବିଧାୟକ ସରୋଜ ପାଢୀ, ବିଡିଓ ସାଗରିକା ଷଡଙ୍ଗୀ, ବ୍ଲକ ଉପାଧକ୍ଷା ରେସମା ଦୋରା ମଞ୍ଚାସୀନ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଆସିକା ବ୍ଲକର ୨୭ଟି ପଞ୍ଚାୟତରେ ଗ୍ରାମସଭା ମାଧମରେ ସ୍ଥିର କରାଯାଇଥିବା ୫ଶହରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଅନୁମୋଦନ କରାଯାଇଥିଲା। ଏହି ଯୋଜନାରେ ଗ୍ରାମାଞ୍ଚଳରେ କଲ୍ୟାଣ ମଣ୍ଡପ, ବଜାର ଗୃହ, ଖେଳପଡିଆ, କମ୍ୟୁନିଟି ହଲ, ମନ୍ଦିର ରକ୍ଷଣାବେକ୍ଷଣ ଆଦି ବିଭିନ୍ନ ପ୍ରକଳ୍ପ ରହିଥିଲା ବେଳେ ଏଥି ଲାଗି ୩କୋଟି ୩୦ ଲକ୍ଷ ଟଙ୍କା ବ୍ୟୟବରାଦର ଅଟକଳ ରହିଛି । କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜେଶ୍ୱରୀ ସାହୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲାପରିଷଦ ସଦସ୍ୟା ଅନିମା ପରିଡା, ମନୋଜ ଦୋରା, ସରପଞ୍ଚ ବିଦ୍ୟାନ୍ତ ଚର୍ଚ୍ଚ ଏହି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

# ବନ୍ଧା ହେଲେ ୨ ମନ୍ଦିର ଚୋର

### ଚୋରି ସାମଗ୍ରୀ ଉଦ୍ଧାର



ଖବରଦାତା ସମ୍ମିଳନୀରେ ଏସଡିପିଓ ସୂଚନା ଦେଉଛନ୍ତି।

ଭଞ୍ଜନଗର,୨୭।୨ (ବାବୁଲା ପ୍ରଧାନ)–

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ଛେଦାଭୂମି ବିଶ୍ୱନାଥ ମନ୍ଦିର ଏବଂ ଶ୍ରୀରାମ ନଗରସ୍ଥିତ ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରୁ ମଙ୍ଗଳବାର ରାତିରେ ଚୋରି ହୋଇଥିଲା। ଉଭୟ ମନ୍ଦିରରୁ ପ୍ରାୟ ୩ ଲକ୍ଷ ଟଙ୍କାର ମୂର୍ତ୍ତି ସମେତ ଅନ୍ୟାନ୍ୟ ସାମଗ୍ରୀ ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ଏହି ମାମଲାରେ ପୋଲିସ ଦୁଇ ଜଣକୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ଜିନିଷ ଜବତ କରିଛି। ପରେ ଉଭୟ ମନ୍ଦିର କମିଟିକୁ ଏହି ସାମଗ୍ରୀ ହସ୍ତାନ୍ତର କରାଯାଇଛି । ଗିରଫ ଅଭିଯୁକ୍ତ ହେଲେ ମୁନା ନାଇକ, ରୋଷନ ନାଇକ ବୋଲି ଭଞ୍ଜନଗର ଏସ୍‌ଡିପିଓ ସୁଜିତ୍ ନାୟକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଖବରରୁ ପ୍ରକାଶ, ମଙ୍ଗଳବାର ରାତିରେ ଏହି ଦୁଇ ମନ୍ଦିରରେ ପୂଜାବିଧି ଶେଷ ହେବା ପରେ ମନ୍ଦିର ବନ୍ଦକରି ପୂଜାରୀ ଓ ଅନ୍ୟମାନେ ନିଜ ନିଜ ଘରକୁ ଯାଇଥିଲେ। ବୁଧବାର ସକାଳୁ ମନ୍ଦିର ଖୋଲିବାକୁ ଆସି ପୂଜାରୀ ମନ୍ଦିରରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଉଭୟ ମନ୍ଦିର ପୂଜାରୀ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଶ୍ରୀଅରବିନ୍ଦ ଶକ୍ତିପୀଠର କର୍ମକର୍ତ୍ତା ଓ ବିଶ୍ୱନାଥ ମନ୍ଦିର କର୍ମକର୍ତ୍ତା ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୦୯/୨୫ ଓ ୨୧୦/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତେବେ ସ୍ଥାନୀୟ ଲୋକେ ଏନେଇ ସନ୍ଦେହ କରି ୨ ଅଭିଯୁକ୍ତଙ୍କୁ ଠାବ କରି ପଚରାଉଚରା କରିଥିଲେ। ସେମାନଙ୍କଠାରୁ ମଧ ଚୋରି ଜିନିଷ ମିଳିଥିଲା। ପରେ ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ମୁନା ଓ ରୋଷନଙ୍କୁ ଗିରଫ କରି ଆଣିଥିଲା। ଅଭିଯୁକ୍ତମାନେ ଆଉ କିଛି ମାମଲାରେ ମଧ ଜଡିତ ଅଛନ୍ତି। ଏନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅନ୍ୟ ଚୋରି ଘଟଣାର ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ନାୟକ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଏସ୍‌ଆଇ ସମୀର ସେଠୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଚୋରମାନେ ବିଶ୍ୱନାଥ ମନ୍ଦିରରୁ ୩୦ରୁ ଉର୍ଦ୍ଧ୍ୱ ନାଗମୂର୍ତ୍ତି, ୨ଟି ଅନ୍ୟ ଠାକୁର ମୂର୍ତ୍ତି ଏବଂ ଶ୍ରୀଅରବିନ୍ଦ ଶକ୍ତିପୀଠରୁ ଗ୍ୟାସ, ହାଣ୍ଡି, ଚୁଲା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଇଥିଲେ।

## ଟାୟାର ଫାଟି ଜଣେ ମୃତ

ଗୋପାଳପୁର,୨୭।୨ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳରେ ଗୁରୁବାର ଟାୟାର ଫାଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିହାରର ଏମ୍‌ଡି ଜାମାଲ ଆନସାରି (୧୯)। ଜାମାଲ କିଛି ମାସ ହେଲା ଗୋଳନ୍ଥରା ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରେ କାମ କରୁଥିଲେ। ଗୁରୁବାର ଟାୟାର ମରାମତି କଲାବେଳେ ତାହା ଫାଟି ଯାଇଥିଲା।

# ବିଧାୟକ,ଆର୍‌ସିସିଏଫ୍ ଉନ୍ନୟନ କାର୍ଯ୍ୟ ତଦାରଖ କଲେ



ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି।

### ୭୮ ବର୍ଷ ପରେ ଚକରା ଘାଟି ମନେପଡ଼ିଲା

ଭଞ୍ଜନଗର,୨୭।୨ (ବାବୁଲା ପ୍ରଧାନ)

ଘୁମୁସର ବୀର ଚକରା ବିଷୋୟୀଙ୍କ ସ୍ମୃତିକୁ ବଜାୟ ରଖିବା ପାଇଁ ଦେଶ ସାଧୀନତାର ୭୮ ବର୍ଷ ପରେ ବର୍ତ୍ତମାନର ଭାଜପା ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଉଦ୍ୟମରେ ଚକରା ଘାଟିର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି। ଇତିମଧ୍ୟରେ ଘାଟିର ବିକାଶ ପାଇଁ ପ୍ରାୟ ୬ କୋଟି ଟଙ୍କା ଜଙ୍ଗଲ ବିଭାଗ ପକ୍ଷରୁ ଅନୁମୋଦନ ହୋଇଛି। ଠିକାଦାର କାମ ୧୦ ଦିନ ହେବ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳର ଅନ୍ୟାନ୍ୟ ବିକାଶ ପାଇଁ ଆହୁରି ୨ଶହ କୋଟି ଟଙ୍କା ଅନୁଦାନ ଆସିବ। କାର୍ଯ୍ୟ କିଭଳି ଠିକ ଭାବେ ହେବ ସେଥିପାଇଁ ଭଞ୍ଜନଗର ବିଧାୟକ ନାୟକ ବାରମ୍ବାର ଉକ୍ତ ଘାଟି ପରିଦର୍ଶନ କରି କାର୍ଯ୍ୟ ସମୀକ୍ଷା କରୁଛନ୍ତି । ଗୁରୁବାର ଆରସିସିଏଫ ସଞ୍ଜୟ ସ୍ୱାଇଁ, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଏସିଏଫ୍ ଡ. ରଶ୍ମି ରଞ୍ଜନ ସାଇଁ, ଗାଲେରି ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ର ପ୍ରମୁଖ ଚକରା ଘାଟି ପରିଦର୍ଶନ କରି ଘାଟିର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ କାମ କିଭଳି ଚାଲିଛି ତାହାର ସମୀକ୍ଷା କରିଥିଲେ। ଏହି ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଚୁକ୍ତି ଅନୁସାରେ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଏହି ଅର୍ଥରେ ଘାଟିରେ ଦୁଇଟି ୱାଚ ଟାୱାର, ପୋଖରୀ, ମନ୍ଦିର, ରୋଷେଇ ଘର, ପାଚେରି, ପିଇବା ପାଣି ଆଦି ବ୍ୟବସ୍ଥା କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ୱାଧୀନତା ସଂଗ୍ରାମ ବେଳେ ବ୍ରିଟିଶଙ୍କ ବିରୋଧରେ ଘୁମୁସର ବୀର ଚକରା ବିଷୋୟୀ ଲଢ଼େଇ କରିଥିଲେ। ଏଥିପାଇଁ ସେ ତିଲିସିଙ୍ଗୀଠାରୁ ୧୦ କି.ମି. ଦୂର ଘଞ୍ଚ ଜଙ୍ଗଲ ଭିତରେ ଚନ୍ଦ୍ରଗିରି ଜଙ୍ଗଲରେ ଘାଟି ପ୍ରସ୍ତୁତ କରିଥିଲେ। ଚକରାଙ୍କୁ ୧୪ ବର୍ଷ ବୟସ ହୋଇଥିବା ବେଳେ ୧୮୩୬ରେ ସେ ବ୍ରିଟିଶମାନଙ୍କ ବିରୋଧରେ ଲଢେଇ ପାଇଁ ପଦକ୍ଷେପ ନେଇଥିଲେ। ଉକ୍ତ ଘାଟିରେ ଚକରା ରହି ଆଦିବାସୀମାନଙ୍କୁ ମେଳି କରି ଲଢ଼େଇ କରୁଥିଲେ। ଏଥିସହ ସେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ବ୍ରିଟିଶ ଶାସକଙ୍କ ବିରୋଧରେ ମେଳି କରି ଲଢ଼େଇ କରୁଥିଲେ। ୧୮୪୨ରେ ଚକରା ଘୁମୁସର ନୂଆଗାଁରେ ହୋଇଥିବା ବ୍ରିଟିଶଙ୍କ ଶିବିରକୁ ପୋଡ଼ି ଦେଇଥିଲେ। ଏଥିରେ ବ୍ରିଟିଶ ଶାସକଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଚକରାଙ୍କ ବୀରତ୍ୱ ଦେଖି ବ୍ରିଟିଶମାନେ ତାଙ୍କୁ ଧରିବା ପାଇଁ ଅନେକ ଚେଷ୍ଟା କରିଥିଲେ। ମାତ୍ର ଚକରା ଧରା ପଡ଼ି ନ ଥିଲେ। ସେ କେବେ ମୃତ୍ୟୁବରଣ କରିଛନ୍ତି କିଭଳି ମୃତ୍ୟୁବରଣ କରିଛନ୍ତି ତାହାର କିଛି ଇତିହାସ ନାହିଁ। କିନ୍ତୁ ଚକରା ଯେଉଁ ଘାଟିରେ ରହି ଲଢ଼େଇ କରୁଥିଲେ ତାହା ଆଜି ପର୍ଯ୍ୟନ୍ତ ରହିଛି। ଦେଶ ସାଧୀନତା ପରେ ଚକରା ଘାଟିର ବିକାଶ ପାଇଁ ଏପର୍ଯ୍ୟନ୍ତ ସରକାର ଟଙ୍କାଟିଏ ଅନୁଦାନ ଦେଇ ନ ଥିଲେ। କିଛି ବର୍ଷ ତଳେ ସମ୍ପୃକ୍ତ ଅଞ୍ଚଳରେ ରେଞ୍ଜର ଥିବା ତଥା ବର୍ତ୍ତମାନର କେନ୍ଦୁପତ୍ର ଫୁଲବାଣୀ ଡିଭିଜନର ଡିଏଫଓ ଶରତ ମିଶ୍ର ନିଜ ଉଦ୍ୟମରେ ଘାଟିରେ ଛୋଟିଆ ମନ୍ଦିରଟିଏ ନିର୍ମାଣ କରିଥିଲେ। ବର୍ତ୍ତମାନ ପ୍ରଦ୍ୟୁମ୍ନ ନାୟକ ବିଧାୟକ ନିର୍ବାଚିତ ହେବା ପରେ ଘୁମୁସର ମାଟିର ବୀରପୁତ୍ରମାନଙ୍କ ସ୍ମୃତି ରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି। ଏନେଇ ପରିବେଶବିତ୍ ରମେଶ ପାତ୍ର କହନ୍ତି, ଘାଟିର ସୁରକ୍ଷା ସହ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏହା ପ୍ରଶଂସନୀୟ ପଦକ୍ଷେପ। ସେହିଭଳି ଚକରା ବିଷୋୟୀ କଲଚୁରାଲ ଟ୍ରଷ୍ଟର କର୍ମକର୍ତ୍ତା ଜଗବନ୍ଧୁଜେନା କହିଛନ୍ତି, ଚକରା ପ୍ରଥମେ ବ୍ରିଟିଶ ଶାସକଙ୍କ ବିରୋଧରେ ଲଢେଇ କରିଥିଲେ।

## ଆକ୍ରମଣ କରି ଲୁଟି ନେଲେ ମୋବାଇଲ

ଗୋପାଳପୁର,୨୭।୨ (ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ୧୬ ନଂ ଜାତୀୟ ରାଜପଥ ହଳଦିଆପଦର ନିକଟରେ କାରରେ ଦୁର୍ବୃତ୍ତମାନେ ଆସି ଦୁଇ ବାଇକ ଆରୋହୀଙ୍କୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଫୋନ ଲୁଟି ନେଇଥିବା ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତ ମାଡ଼ରେ ଲହୁଲୁହାଣ ହୋଇଥିବା ଯୁବକ ଦୁଇ ଜଣ ହେଲେ କନିଷି ହାଟ ଗଣେଷ ନଗରର ଶିବ ନାରାୟଣ ମହାରଣା ଓ ବି.ନୂଆଗାଁର ବାବୁଲା ଦାସ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗୁରୁବାର ମହାଶିବରାତ୍ର ଥିବାରୁ ରାତି ସାଢେ ୯ଟା ବେଳେ ଶିବ ନାରାୟଣ ଓ ବାବୁଲା ମିଶି ଏକ ବାଇକରେ ଲାଞ୍ଜିପଲ୍ଲୀ ଶିବ ମନ୍ଦିରକୁ ଯାଉଥିବା ବେଳେ ହଳଦିଆପଦର ସର୍ଭିସ ରୋଡ଼ରେ ପଛରୁ ଏକ ଧଳା ରଙ୍ଗର କାର ଆସି ବାଇକକୁ ଓଭର ଟେକ କରି ଅଟକାଇଥିଲେ। ଶିବ ଓ ବାବୁଲା ବାଇକ ରଖିବା ମାତ୍ରେ କାରରୁ ଚାରି ଜଣ ଯୁବକ ଓହ୍ଲାଇ ଅତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣରେ ଗୁରୁତର ଭାବେ ଶିବ ଓ ବାବୁଲା ଆହତ ହୋଇ ଚିତ୍କାର କରୁଥିବା ବେଳେ ଶିବ ଧରିଥିବା ଏକ ମୋବାଇଲ ଫୋନକୁ ଛଡେଇ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ।

## ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

ଚିକିଟି,୨୭।୨ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ୍ ଅନ୍ତର୍ଗତ ଗିରିସୋଲା କ୍ଲଷ୍ଟରର ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକୋତ୍ସବ ସହ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ରିନୁ ଦେବୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିଗମାନନ୍ଦ ପଣ୍ଡା, ସମ୍ମାନିତ ଅତିଥିଭାବେ ସିଆରସିସି ବି.ଭେଙ୍କଟ ରାଓ, ମୁଖ୍ୟ ବକ୍ତାଭାବେ ଦାନପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଜାନି, ପରିଚାଳନା କମିଟି ସଭାପତି ସୁନିତା ସାହୁ, ଏମ.ଭୁଲାଛିମି, ଆନନ୍ଦ ଦୋରା, ଭାସ୍କର ସାହୁ, ଗୋପାଳ ସାହୁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଶିଶୁମାନଙ୍କଠାରେ ଥିବା ଅନ୍ତର୍ନିହିତ ଗୁଣାବଳୀ ତଥା କଳାର ବିକାଶ ଦିଗରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମାତାପିତା ସଚେତନ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଦାୟିତ୍ୱରେ ରହୁଛନ୍ତି, ବ୍ଲକକୁ ମିଳୁନାହାନ୍ତି ସ୍ଥାୟୀ ବିଇଓ

ଶେରଗଡ଼,୨୭।୨ (ସୂର୍ଯ୍ୟନାରାୟଣଦାଶ)

ଶେରଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ) ପଦବୀରେ ସ୍ଥାୟୀ ନିଯୁକ୍ତି ନ ଦେଇ କାମଚଳା ଭାବେ ଅଧିକାରୀମାନଙ୍କୁ ଦାୟିତ୍ୱରେ ରଖାଯାଉଛି। ଫଳରେ ଶିକ୍ଷା କ୍ଷେତ୍ରରେ ପ୍ରଶାସନିକ ଅଚଳାବସ୍ଥା ଜାରି ରହୁଛି। ଗତ ତିନି ମାସ ହେଲା ଶେରଗଡରେ ସ୍ଥାୟୀ ବଇଓ ନାହାନ୍ତି। ବିଭିନ୍ନ ଅଧିକାରୀ ଏହା ଦାୟିତ୍ୱରେ ରହୁଛନ୍ତି। ନଭେମ୍ବର ମାସରେ ଦିଗପହଣ୍ଡି ବିଇଓ କୁରେଶୁ ସେଠୀ ଦାୟିତ୍ୱରେ ଥିଲେ। ପରେ ତାଙ୍କର ସାନଖେମୁଣ୍ଡି ବଦଳି ହୋଇଯାଇଥିଲା। ଏକ ମାସ ବିଇଓ ପଦବୀ ଖାଲି ପଡିଥିଲା। ପୁଣି ଶିକ୍ଷା ବିଭାଗ ୨୫ ତାରିଖରେ ଧରାକୋଟ ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କୁ ଦାୟିତ୍ୱ ଦେଇଛନ୍ତି। ସ୍ୱାଇଁ ଗୁରୁବାର ଶେରଗଡ଼ ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଏହି ସମୟରେ ଶିକ୍ଷକ ସଂଘ ସଭାପତି ଇନ୍ଦ୍ରମଣି ସ୍ୱାଇଁ, ସିଆରସିସି ପ୍ରସନ୍ନ ସାବତ, ଏବିଇଓ ଶୈରନ୍ଦ୍ରି ଦଳେଇ, ଦିବାକର ଗମାଙ୍ଗ, ଶଙ୍କର ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବ୍ଲକରେ ଏପରି ବିଇଓମାନେ ଦାୟିତ୍ୱରେ ରହିବା ନେଇ ଜିଲା ପ୍ରଶାସନକୁ ସ୍ଥାୟୀ ବିଇଓ ମିଳୁନାହାନ୍ତି ବୋଲି ଚର୍ଚ୍ଚା ହେଉଛି। ଏଥିପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହେଉଛି।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, zocuttack@indianbank.co.in

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ତୁଳସୀପୁର ଶାଖା / ଋଣଗ୍ରହୀତା ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ଜୟନ୍ତ କୁମାର ବେହେରା,** ପିତା: କୃଷ୍ଣ ଚନ୍ଦ୍ର ବେହେରା, **୨) କୃଷ୍ଣ ଚନ୍ଦ୍ର ବେହେରା (ବନ୍ଧକଦାତା),** ପିତା: ଭରତ ବେହେରା / **ଗ୍ୟାରେଣ୍ଟିଦାତା: ଲିଲି ବେହେରା,** ସ୍ୱାମୀ: କୃଷ୍ଣ ଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସା: ଗୋବିନ୍ଦ ଜିୟୁପାଟଣା, ପୋ: କପାଳେଶ୍ୱର, ଥାନା: ଚୌଦ୍ୱାର, କଟକ-୭୫୪୦୭୧ | ୨୫.୦୨.୨୦୨୫ ସୁଦ୍ଧା ଟ.୪,୭୩,୭୭୧/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୨.୨୦୨୪ / ୨୫.୦୨.୨୦୨୫ | **କୃଷ୍ଣ ଚନ୍ଦ୍ର ବେହେରା,** ପିତା: ଭରତ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମ୍ୟୁଟେସନ୍ ଖାତା ନଂ.: ୮୫୯/୧୪୩୩, ପ୍ଲଟ୍ ନଂ.: ୯୦୬/୩୦୧୪ (କ୍ଷେତ୍ର: ଏକର୦.୦୫୫ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୮ ଏବଂ ପ୍ଲଟ୍ ନଂ.: ୯୦୬/୩୦୧୫ (କ୍ଷେତ୍ର: ଏକର୦.୦୨୦ ଡିସିମିଲି), ଅନୁରୂପ ଖାତା ନଂ.: ୮୫୯/୮୯, ମୌଜା: କପାଳେଶ୍ୱର, ତହସିଲ: ଟାଙ୍ଗିଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଜିଲ୍ଲା: କଟକ, ଓଡିଶା, **ସମୁଦାୟ କ୍ଷେତ୍ର: ଏକର୦.୦୭.୫ ଡିସିମିଲି,** ଟାଇପ୍- ଘରବାରୀ, ବିକ୍ରୟ ଦଲିଲ୍ ଅନୁଯାୟୀ ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: କ୍ରେତା, ପୂର୍ବ: ରାସ୍ତା, ପଶ୍ଚିମ: ସୁଚାରୁ ଚନ୍ଦ୍ର ବିଶୋଇ ଏବଂ ମ୍ୟୁନିସପାଲିଟି ୱାର୍ଡ ନଂ.: ୯ |

ସ୍ଥାନ: କଟକ
ତାରିଖ : ୨୭.୦୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ୨ ଯୁବକ ଜିଅନ୍ତା ଜଳିଯିବା ଘଟଣା
# ଅଭିଯୁକ୍ତ ଟ୍ରକ ଚାଳକଙ୍କୁ କୋର୍ଟ ଚାଲାଣ

ଦିଗପହଣ୍ଡି,୨୭।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି-ଚିକିଟି ମୁଖ୍ୟରାସ୍ତା ଜକର ଗ୍ରାମ ନିକଟ ମା' ରତ୍ନେଇ ଠାକୁରାଣୀ ମନ୍ଦିର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଧାନବୋଝେଇ ଟ୍ରକ ବିପରୀତ ଦିଗରୁ ଆସୁଥିବା ଏକ ବାଇକକୁ ଧକ୍କା ଦେବାରୁ ବାଇକ ଚାଳକଙ୍କ ସମେତ ବାଇକରେ ବସିଥିବା ଅନ୍ୟ ୨ ଜଣ ଜଳି ଯାଇଥିଲେ। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା କାବିଟି ଥାନା ଚିତ୍ରିପୁଟୁ ଗ୍ରାମର ପି.ଲକ୍ଷ୍ମଣ ଏବଂ ଭେଜିପୁଟ ଗ୍ରାମର ଟି.ରାଜୁ ଜିଅନ୍ତା ଜଳି ଯାଇଥିଲେ। ଅନ୍ୟଜଣେ ଚିତ୍ରିପୁଟ ଗ୍ରାମର ସିଏଚ୍.ଲୋକନାଥ ଗୁରୁତର ଆହତ ହୋଇଥିଲେ। ଏହି ଘଟଣାରେ ତଦନ୍ତକାରୀ ଅଧିକାରୀ କେ.ନୂଆଗାଁ ଥାନା ଏସଆଇ ଜୟନାଥ ପ୍ରଧାନ ଗୁରୁବାର ଆନ୍ଧ୍ର ପ୍ରଦେଶ ଆମ୍ବେଦକର ଜିଲା ମାଣ୍ଡାପାଟା ଗ୍ରାମାଞ୍ଚଳ ଥାନା ମାଣ୍ଡାପାଟା ରୋଡ଼ ନିବାସୀ ଟ୍ରକ ଚାଳକ ଶେଖ. ଇସମାଇଲଙ୍କୁ ଗିରଫ କରି ଥାନା ମାମଲା ନଂ.୭୪/୨୫ ଅନୁଯାୟୀ ଦିଗପହଣ୍ଡି କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି।

# ବନ ବିଭାଗକୁ ବନାଗ୍ନି ଚିନ୍ତା

ବ୍ରହ୍ମପୁର,୨୭।୨(ଅଶୋକ କୁମାର ସାହୁ)

ଶୀତ ସରିଛି, ଗ୍ରୀଷ୍ମ ଆସିଛି। ଗ୍ରୀଷ୍ମ ଦିନେ ଜଙ୍ଗଲରେ କୌଣସି ନା କୌଣସି କାରଣରୁ ନିଆଁ ଲାଗିବା ସାଧାରଣ କଥା। ତେବେ ଏହି ବନାଗ୍ନିକୁ ନେଇ ବନ ବିଭାଗର ଚିନ୍ତା ବଢ଼ିଯାଇଛି। ସଚେତନତା ସହ ନିଜ ବିଭାଗର କର୍ମଚାରୀଙ୍କୁ ସତର୍କ କରାଇ ଦିଆଯାଇଥିବା ବିଭାଗୀୟ ସୂଚନାରୁ ଜଣାପଡିଛି। ଗଞ୍ଜାମ ଜିଲାରେ ୩ ବନଖଣ୍ଡ ରହିଛି। ଉତ୍ତର ଘୁମୁସର, ଦକ୍ଷିଣ ଘୁମୁସର, ବ୍ରହ୍ମପୁର ବନଖଣ୍ଡ। ଉତ୍ତର ଘୁମୁସର ବନଖଣ୍ଡରେ ୫ଟି, ଦକ୍ଷିଣ ଘୁମୁସର ବନଖଣ୍ଡରେ ୫ଟି ଏବଂ ବ୍ରହ୍ମପୁର ବନଖଣ୍ଡରେ ୪ଟି ରେଞ୍ଜ ଏଭଳି ଜିଲାରେ ୧୪ଟି ବନାଞ୍ଚଳ ରହିଛି। ଏହି ଜଙ୍ଗଲଗୁଡିକରେ ଅନେକ ଜୀବଜନ୍ତୁ ରହୁଛନ୍ତି। ଜଙ୍ଗଲ ଭିତରେ ଅନେକ ଆଦିବାସୀ ଅଧ୍ୟୁଷିତ ଗାଁ ବି ରହିଛି। ଜଙ୍ଗଲ ହିଁ ସେମାନଙ୍କ ଜୀବିକା ହୋଇଥିବାବେଳେ ଜଙ୍ଗଲ ନିକଟବର୍ତ୍ତୀ ଇଲାକାଗୁଡିକର ଲୋକେ ବି ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ନଜୀର ରହିଛି। ବିଶେଷ କରି ବ୍ରହ୍ମପୁର ବନଖଣ୍ଡର ସାମନ୍ତିଆପଲ୍ଲୀ ଓ


ଖଲ୍ଲିକୋଟ ରେଞ୍ଜରେ କର୍ମଚାରୀମାନେ ଶୁଖିଲା ପତ୍ରକୁ ସଫା କରୁଛନ୍ତି।

ଦିଗପହଣ୍ଡି ରେଞ୍ଜର କିଛି ଅଞ୍ଚଳରେ ଗତବର୍ଷ ନିଆଁ ଲାଗିଥିଲା। ନିକଟବର୍ତ୍ତୀ ଅଞ୍ଚଳର ଲୋକେ ପୋଡୁ ଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଆଉ କିଛି ଲୋକ କାଠ କୋଇଲା ପାଇଁ ବି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ବେଳେ ଗାଈ ଚରାଳିମାନେ ମଧ୍ୟ ନୂଆ ଘାସ କଅଁଳିବା ପାଇଁ ନିଆଁ ଲଗାଇ ଦେଉଥିବା ନଜରକୁ ଆସିଛି ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବିଶେଷ କରି ଖରା ଦିନେ ଏଭଳି ଘଟଣା ଘଟୁଥିବାବେଳେ ବନ ବିଭାଗ ପକ୍ଷରୁ ସତର୍କତା ସବୁବେଳେ ଅବଲମ୍ବନ କରାଯାଇ ଆସୁଛି। ଜଙ୍ଗଲ ନିଆଁ ଆୟତ୍ତକୁ ଆସୁଥିଲେ ବି ଜଙ୍ଗଲରେ ନିଆଁ କିଭଳି ନ ଲାଗିବ, କିଭଳି ସୁରକ୍ଷିତ ରହିବ ସେଥିପାଇଁ କେହି ସଚେତନ ହେଉନଥିବା ପରିବେଶବିତ ମହଲରେ ମତପ୍ରକାଶ ପାଉଛି। ସେହିପରି ଉତ୍ତର ଘୁମୁସର ଓ ଦକ୍ଷିଣ ଘୁମୁସୁର ବନଖଣ୍ଡର କେତେକ ରେଞ୍ଜରେ ଗତବର୍ଷ ନିଆଁ ଲାଗିଥିବା ନଜୀର ରହିଛି। ଏଥିପ୍ରତି ବନ ବିଭାଗ ତତ୍ପର ହେଉଥିବାବେଳେ ଆଉ କେତେକ ସ୍ଥାନରେ ବିଳମ୍ବରେ ଖବର ମିଳୁଥିବାରୁ ତାହାକୁ ପ୍ରତିହତ କରିବାରେ ଅସୁବିଧା ହେଉଥିବା କୁହାଯାଇଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୋନି ଖୋଖର କହିଛନ୍ତି ଯେ, ଉକ୍ତ ବନଖଣ୍ଡରେ ଦିଗପହଣ୍ଡି, ବ୍ରହ୍ମପୁର, ଖଲ୍ଲିକୋଟ, ସାମନ୍ତିଆପଲ୍ଲୀ ରେଞ୍ଜ ରହିଛି। ଚିକିଟି , ସାନଖେମୁଣ୍ଡି, ଦିଗପହଣ୍ଡିରେ ଥିବା ଜଙ୍ଗଲଗୁଡିକରେ ଲୋକେ ନିଆଁ ଲଗାଇ ଦିଅନ୍ତି। ତେବେ ବିଭାଗ ପକ୍ଷରୁ ୩୦୦ କିମି ପର୍ଯ୍ୟନ୍ତ ଫାୟାର ଲାଇନକୁ ଦୃଷ୍ଟିରେ ରଖି ୩୪ ନିଆଁ ଲିଭା ଯନ୍ତ୍ର, ଶୁଖିଲା ପତ୍ରକୁ ସଫା କରିବା ପାଇଁ ୪ ମେସିନ, ଫାୟାର ରେକ, ଫାୟାର ବିଟେର, ବାଉଁଶ ଜଙ୍ଗଲ ପାଇଁ ଫାୟାର ବଲ, ପ୍ରତି ରେଞ୍ଜ ପାଇଁ ୧୦ ଜଣ ଲେଖାଏଁ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ହେଲମେଟ, ଜୋତା, ଜାକେଟ ଆଦି ପ୍ରଦାନ କରାଯାଇଛି। ଏଥି ସହିତ ପ୍ରଚାର ଗାଡିରେ ଟିଭି ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ଯେଉଁ ଅଞ୍ଚଳରେ ନିଆଁ ଲାଗିବ ବୋଲି ସନ୍ଦେହ କରାଯାଉଛି ସେଠାରେ ପାଲା ମାଧ୍ୟମରେ ଲୋକଙ୍କୁ ବୁଝାଯାଉଛି। ଏଥି ସହିତ ବନସୁରକ୍ଷା ସମିତି ଦ୍ୱାରା ଲୋକଙ୍କ ସହିତ ଆଲୋଚନା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା କେଉଁଠି ନିଆଁ ଲାଗିବା ଖବର ମିଳିନାହିଁ। ତଥାପି ବନାଗ୍ନି ପାଇଁ ଚିନ୍ତା ରହିଛି। ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ସେ କହିଛନ୍ତି।

# ଗଣିତ ଓ ବିଜ୍ଞାନ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ


ପିଲାମାନେ ଗଣିତ ଓ ବିଜ୍ଞାନ କୁଇଜକୁ ନେଇ ଚିତ୍ର ଆଙ୍କୁଛନ୍ତି।

ବ୍ରହ୍ମପୁର,୨୭।୨(ସୁବାସ ଚନ୍ଦ୍ର ପାଢ଼ୀ) ଓସେପା ଓ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଦ୍ୱାରା ସୁକୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ କ୍ଲବ ତରଫରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା ଓ ଲାଠି କ୍ଲଷ୍ଟର ସଂଯୋଜକ ଡ.ଗୋବିନ୍ଦ ଚନ୍ଦ୍ର ମହାଙ୍କୁଡ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ୪ର୍ଥରୁ ୮ମ ଶ୍ରେଣୀର ୯୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଆବର୍ଜନା ତଥା ସ୍ୱଳ୍ପମୂଲ୍ୟ ସାମଗ୍ରୀକୁ ବ୍ୟବହାର କରି ବିଭିନ୍ନ ପାଠ୍ୟପୋଯୋଗୀ ଉପକରଣ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଗଣିତ ଓ ବିଜ୍ଞାନ ପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକମାନେ କୁନି ବୈଜ୍ଞାନିକଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଏହି ଉଭୟ ବିଷୟରେ ମନୋନିବେଶ କରିବା ସହିତ ଦକ୍ଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କେତେକ ଛାତ୍ରୀଛାତ୍ର ଅଭିନୟ ମାଧ୍ୟମରେ ଅଂଶୁଘାତ ତଥା ଭୂକମ୍ପ କାରଣ ଓ ସୁରକ୍ଷା ପାଇଁ କରିଥିଲେ। ଏହା ସହ ପିଲାଙ୍କୁ ନେଇ ଗଣିତ ଓ ବିଜ୍ଞାନ କୁଇଜ ହୋଇଥିଲା। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କ ନାମ ଘୋଷଣା କରି ଶୁକ୍ରବାର ବିଶ୍ୱ ଅନ୍ତରିକ୍ଷ ଦିବସରେ ପୁରସ୍କୃତ କରାଯିବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ଓଡ଼ିଶା କୃଷକ ସଭାର ଦାବି

ବ୍ରହ୍ମପୁର, ୨୭।୨(ଅଶୋକ କୁମାର ସାହୁ) ଅଖିଳ ଭାରତ କୃଷକ ସଭା ଅନୁବନ୍ଧିତ ଓଡିଶା କୃଷକ ସଭା ଜିଲା କମିଟି ପକ୍ଷରୁ ସ୍ଥାନୀୟ ସହୀଦ ଲକ୍ଷ୍ମଣ ନାୟକ କମୁନିଟି ହଲରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ପି. ହରିକୃଷ୍ଣ ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇ ସାମ୍ପ୍ରତିକ ଦେଶର ପରିସ୍ଥିତି ଓ କୃଷକମାନଙ୍କ ସମସ୍ୟା ଏବଂ କେନ୍ଦ୍ର ନେଇଥିବା କୃଷକ ବିରୋଧୀ ବଜେଟ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବରିଷ୍ଠ କୃଷକ ନେତା ଗୋପାଳ କୃଷ୍ଣ ପାଣିଗ୍ରାହୀ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବାକୁ କହିଥିଲେ। ଚାଷୀ ଆତ୍ମହତ୍ୟା ପରିବାରକୁ ସହାୟତା ଦେବା ଜିଲାରେ ଅଦିନିଆ ବର୍ଷାରେ ଫସଲ କ୍ଷତି ପୂରଣ ଓ ଫସଲ ବୀମା ଅର୍ଥ ପ୍ରଦାନ କରିବା, ଆଦିବାସୀ ଜଙ୍ଗଲ ଜମିର ସର୍ଭେ



ବୈଠକରେ ଉପସ୍ଥିତ କୃଷକ ସଭାର ନେତୃବୃନ୍ଦ।

କରି ପଟ୍ଟା ପ୍ରଦାନ, ଘରପଟା ଓ ଧାନ ମଣ୍ଡିରେ ଧାନରଖିବା ପାଇଁ ଗୋଦାମ ଘର ନିର୍ମାଣ, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ କରିବା, ଜମିକୁ ପର୍ଯ୍ୟାପ୍ତ ଜଳସେଚନ କରିବା, ଭାଗ ଚାଷୀଙ୍କୁ ଚାଷୀର ମାନ୍ୟତା ଦେବା ଆଦି ଦାବି ନେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଜିଲ୍ଲା ସମ୍ପାଦକ ଅଜୟ ଗୌଡ଼, ସରପଞ୍ଚ ବୈରାଗୀ ବେହେରା, ବିଜୟ ବିଷୋୟୀ, ପି ଶିବ ଶଙ୍କର, ସୁଖ ଦେବ ଶବର, ମୋଚିଆ ଶବର, ପଦ୍ମନାଭ ପ୍ରଧାନ, ଚନ୍ଦନ ଶବର, ଶଶିନାୟକ, ବିଦେଶୀ ନାୟକ, ମୁଗୁନା ଗମାଙ୍ଗ, ଦାସ ଗମାଙ୍ଗ ପ୍ରମୁଖ ଯୋଗଦେଇଥିଲେ।

## ପ୍ରାଣୀ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଆସିକା,୨୭।୨(ସୁରେନ୍ଦ୍ର ନାଥ ସାହୁ)

ଆସିକା କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାଚନ୍ଦ୍ର ମହାବିଦ୍ୟାଳୟରେ ଗୁରୁବାର ପ୍ରାଣୀ ବିଜ୍ଞାନ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ହରିଶଙ୍କର ପାଣ୍ଡେ ଉଦ୍‌ଘାଟନ କରିଥିଲା ବେଳେ ବିଭାଗୀୟ ମୁଖ୍ୟ ରୁଦ୍ର ମାଧବ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସିକା ବିଜ୍ଞାନ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ସେଲ କୁମାରୀ ଝା ସାଧନ ଅଧିକାରୀ ଭାବେ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ପ୍ରାଣି ବିଜ୍ଞାନ ବିଭାଗର ଛାତ୍ରୀ ରୂପାଲି ପୋଲାଇ, ଶ୍ରୃତି ସ୍ୱାଇଁ, ନନ୍ଦିନୀ ସ୍ୱାଇଁ, ଶୁଭସ୍ମିତା ପ୍ରଧାନ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଅଭିଷେକ ବେହେରା, ଉପେନ୍ଦ୍ର ମାଝି, ଅଧ୍ୟାପିକା ଶୁଭଶ୍ରୀ ସାହୁ, କିରଣ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲିଭ୍‌ରିଡଲେଙ୍କ ଅଣ୍ଡାଦେବା ସ୍ଥଳକୁ ବ୍ୟାରିକେଡ କଲା ବନ ବିଭାଗ

ବ୍ରହ୍ମପୁର,୨୭।୨(ଅଶୋକ କୁମାର ସାହୁ) ପ୍ରାୟ ଦଶ ଦିନ ଧରି ଅଲିଭ ରିଡ୍‌ଲେ କଇଁଛମାନେ ଋଷିକୁଲ୍ୟା ମୁହାଣ ସାମୁଦ୍ରିକ ବେଳାଭୂମିକୁ ଗଣଅଣ୍ଡା ଦାନ କରିବାକୁ ଆସିଥିଲେ। ଏବେ ବି ଗୋଟିଏ ଦୁଇଟି କଇଁଛ ପ୍ରତ୍ୟେକ ଦିନ ଅଣ୍ଡା ଦେବାକୁ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଗତ ୨୩ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ କଇଁଛ ଅଣ୍ଡା ଦେଇଛନ୍ତି। ଚଳିତବର୍ଷ ରେକର୍ଡ ସଂଖ୍ୟକ ପ୍ରାୟ ୭ ଲକ୍ଷ କଇଁଛ ଅଣ୍ଡା ଦେଇଥିବା ବନ ବିଭାଗ ପକ୍ଷରୁ ଜଣାପଡିଛି। ଏହି ବେଳାଭୂମି କଇଁଛମାନଙ୍କ ପାଇଁ ଉପଯୁକ୍ତ ଥିବାରୁ ଚଳିତବର୍ଷ ଅଧିକ କଇଁଛ ଅଣ୍ଡାଦେବାକୁ ଆସିଥିବା ବନଖଣ୍ଡ ପକ୍ଷରୁ କୁହାଯାଇଛି। ତେବେ ସବୁଠୁ ବଡ଼ କଥା ହେଲା ମା' କଇଁଛ ଅଣ୍ଡା ଦେବା ପରେ ଅଣ୍ଡାରୁ ଛୁଆ ଫୁଟିବାକୁ ୫୦ ଦିନ ଲାଗିବ। ତେଣୁ ଏହି ସମୟ ଗୁରୁତ୍ୱପୂର୍ଣ୍ଣ ବୋଲି ବନ ବିଭାଗ ପକ୍ଷରୁ ସୁରକ୍ଷାକୁ ନେଇ ତୁହାକୁ ତୁହା ବୈଠକ ଚାଲିଛି। ବର୍ତ୍ତମାନ ଅଣ୍ଡାଦେବା


ଅଣ୍ଡାଦେବା ସ୍ଥଳରେ ତାରବାଡ ଲାଗିଛି।

ସ୍ଥଳକୁ କାହାକୁ ଛଡାଯାଉନାହିଁ। ଜୀବଜନ୍ତୁଙ୍କ ପାଇଁ ବ୍ୟାରିକେଡ କରାଯାଇଥିବାବେଳେ କୌଣସି ଲୋକଙ୍କୁ ସେହି ସ୍ଥଳକୁ ଛଡାଯାଉନାହିଁ। ଗୋଖରକୁଦାରୁ ବଟେଶ୍ୱର ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଅଞ୍ଚଳକୁ ବ୍ୟାରିକେଡ କରି ଦିଆଯାଇଛି। ବନ କର୍ମଚାରୀମାନେ ପଇଁତରା ମାରୁଛନ୍ତି। ଲୋକଙ୍କ ଚଳପ୍ରଚଳ ହେଲେ କାଳେ ଅଣ୍ଡା ଉପରେ ଗୋଡ ପଡିଗଲେ ଅଣ୍ଡା ନଷ୍ଟ ହେବା ଆଶଙ୍କାରେ ବନ କର୍ମଚାରୀମାନେ ସତର୍କତା ଅବଲମ୍ବନ କରୁଛନ୍ତି। ଏ ସମ୍ପର୍କରେ ବନଖଣ୍ଡ ଅଧିକାରୀ ସୋନି ଖୋଖର କୁହନ୍ତି ଯେ, ବର୍ତ୍ତମାନ କଇଁଛଙ୍କ ଅଣ୍ଡାଦେବା ସରିଛି। ଯେଉଁଠି କଇଁଛମାନେ ଅଣ୍ଡା ଦେଇଛନ୍ତି ତାହା ଏକ ସମ୍ବେଦନଶୀଳ ସ୍ଥାନ ହୋଇଥିବାରୁ ଅଣ୍ଡାର ସୁରକ୍ଷା ପାଇଁ ବନ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଲାଗି ପଡିଛନ୍ତି। ଅଣ୍ଡାରୁ ଛୁଆ ଫୁଟିବା ପର୍ଯ୍ୟନ୍ତ ଜଗିବା ପାଇଁ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ବୋଲି ସେ କହିଛନ୍ତି।

# ଛାତ୍ରୀଛାତ୍ର ପାଠ ସହ ଖେଳକୁଦରେ ଭାଗ ନେବା ଆବଶ୍ୟକ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ପିଏମଇସିରେ ବାର୍ଷିକ କ୍ରୀଡ଼ା

ବ୍ରହ୍ମପୁର,୨୭।୨(ସୁବାସ ଚନ୍ଦ୍ର ପାଢ଼ୀ) ଶୀତଳାପଲ୍ଲୀ ପାରଳା ମହାରାଜ ଯାନ୍ତ୍ରିକ ମହାବିଦ୍ୟାଳୟ(ପିଏମଇସି)ର ବାର୍ଷିକ କ୍ରୀଡା ଉତ୍ସବ 'ଆରେନା' ଗୁରୁବାର ଉଦଘାଟିତ ହୋଇଛି। ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି କହିଛନ୍ତି ଯେ, ଛାତ୍ରୀଛାତ୍ର କେବଳ ପାଠ ପଢା ଭିତରେ ସୀମିତ ନରହି ଖେଳକୁଦରେ ଭାଗନେବା ଆବଶ୍ୟକ। କଲେଜ ଡିନ ପ୍ରଫେସର ଶରତ କୁମାର ସାହୁ, କଲେଜ ଖେଳକୁଦ ଓ କ୍ରୀଡା ପରିଷଦ ଉପସଭାପତି ଡ. ସୁରିୟଲୋକ ଦାସ ଓ ଛାତ୍ର ସଂଘ ସମ୍ପାଦକ ଉମାକାନ୍ତ ବେହେରା ଓ ଶାଶ୍ୱତି ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ୩ ଦିନ ଧରି ହେବାକୁ ଥିବା କ୍ରୀଡା କାର୍ଯ୍ୟକ୍ରମର ପ୍ରଥମ ଦିନରେ କ୍ରିକେଟ, ଭଲିବଲ, ଫୁଟବଲ, ଦୌଡ କୁଦ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ମହିଳା କବାଡି ଓ ଖୋଖୋ ଭଳି ପ୍ରତିଯୋଗିତା ହୋଇଥିଲା। ଆଗାମୀ ୨ ଦିନ ମଧ୍ୟରେ କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଚେସ, କ୍ୟାରେମ ଭଳି ପ୍ରତିଯୋଗିତା ଆୟୋଜିତ ହେବ ବୋଲି ସୂଚନା ଦିଆଯାଇଛି । କ୍ରୀଡା ପରିଚାଳନା ପାଇଁ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି । କଲେଜ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ବିନାୟକ ଆଚାର୍ଯ୍ୟ କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଉଦଯାପିତ


ଶିବିରରେ ଉପସ୍ଥିତ ଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ।

ବ୍ରହ୍ମପୁର,୨୭।୨(ସ୍ମୃତି ରଞ୍ଜନ ମହାଳିକ) ବିନାୟକ ଆଚାର୍ଯ୍ୟ କଲେଜର ଆତ୍ମରକ୍ଷା ପ୍ରଶିକ୍ଷଣ ଡିଗ୍ରୀ ୟୁନିଟ ଆନୁକୂଲ୍ୟରେ ୮ ଦିନ ବ୍ୟାପି ଚାଲିଥିବା ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ସରିଛି। ଉଦଯାପନୀ ଦିବସରେ ଅନୁଷ୍ଠିତ ସଭାରେ କଲେଜ ଅଧ୍ୟକ୍ଷା ଡ. ପ୍ରମିଳା ଖାଡଙ୍ଗା ସଭାପତିତ୍ୱ କରିଥିଲେ। ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀ ନିଜର ସୁରକ୍ଷା ସହିତ ଭୟମୁକ୍ତ ସମାଜ ଗଠନରେ ସହାୟକ ହୋଇପାରିବେ ବୋଲି କହିଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦାରା ପ୍ରାୟୋଜିତ କାର୍ଯ୍ୟକ୍ରମରେ କଲେଜ ସ୍ନାତକ ପ୍ରଥମ ବର୍ଷର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ଉଷାରାଣୀ ପାତ୍ର ଓ ରୋହିଣୀ ରାଣୀ ଖଣ୍ଡୁଆଳ ଛାତ୍ରୀଙ୍କୁ ପ୍ରତିଦିନ ବ୍ୟାୟାମ ସହ ଆତ୍ମରକ୍ଷାର ବିଭିନ୍ନ କୌଶଳ ସଂକ୍ରାନ୍ତ ପ୍ରଶିକ୍ଷଣ ଦେଇଥିଲେ। ସଂଯୋଜିକା ଡ ମଧୁମିତା ନାୟକ, କଲେଜ ପ୍ରଶାସନିକ ଅଧିକାରୀ ଡ.ଆନନ୍ଦ ସେଠୀ, କ୍ରୀଡା ପ୍ରଶିକ୍ଷକ ଗୌରୀ ଶଙ୍କର ପାତ୍ର କାର୍ଯ୍ୟକ୍ରମ ସଂପର୍କରେ କହିଥିଲେ। ଏହି ଅବସରରେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ଗଞ୍ଜାମ ବିଜେଡିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା
# ୪୦ ଏଆରଓ ମନୋନୀତ

ବ୍ରହ୍ମପୁର,୨୭।୨(ନରସିଂହ ସାହୁ)- ଗଞ୍ଜାମ ଜିଲା ବିଜେଡିର ସାଙ୍ଗଠନିକ ନିର୍ବାଚନ ପାଇଁ ୪୦ ଜଣିଆ ସହକାରୀ ନିର୍ବାଚନ ଅଧିକାରୀ (ଏଆର୍‌ଓ) ମନୋନୀତ ହୋଇଛନ୍ତି। ସେହି ତାଲିକା ରାଜ୍ୟ ସଙ୍ଗଠନକୁ ପଠାଯାଇଛି। ଶଙ୍ଖ ଭବନରେ ଅନୁମୋଦିତ ହେବା ପରେ ନାମ ଘୋଷଣା ହେବ ଏବଂ ପରବର୍ତ୍ତି ସ୍ଥିତିରେ ନିର୍ବାଚନ ପ୍ରକ୍ରିୟାକୁ ଜୋରଦାର କରାଯିବ ବୋଲି ଜିଲା କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଜିଲା ନିର୍ବାଚନ ଅଧିକାରୀ ଭାବେ ହିଞ୍ଜିଳିକାଟୁର ନେତା ଦେବାନନ୍ଦ ମହାପାତ୍ରଙ୍କୁ ପୂର୍ବରୁ ନିଯୁକ୍ତି କରାଯାଇଛି।

ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳିକାଟୁ ପୌରପାଳିକା ସମେତ ଆଉ ୧୬ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପାଇଁ ଜଣେ ଲେଖାଏ ସହକାରୀ ରିଟର୍ନିଂ ଅଫିସର ନାମ ପଠାଯାଇଛି। ସେହିପରି ଛତ୍ରପୁର, ଭଞ୍ଜନଗର, ଦିଗପହଣ୍ଡି, କୁକୁଡ଼ାଖଣ୍ଡି, ହିଞ୍ଜିଳିକାଟୁ, ରଙ୍ଗେଇଲୁଣ୍ଡା, ଚିକିଟି, ପାତ୍ରପୁର, ବେଗୁନିଆପଡ଼ା, କବିସୂର୍ଯ୍ୟନଗର, ଆସିକା, ସୋରଡ଼ା, ବେଲଗୁଣ୍ଠା, ଧରାକୋଟ, ସାନଖେମୁଣ୍ଡି, ପୋଲସରା ଓ ବୁଗୁଡ଼ା ସମେତ ୨୨ ବ୍ଲକ ନିମନ୍ତେ ମଧ୍ୟ ଜଣେ ଲେଖାଏ ସହ ରିଟର୍ନିଂ ଅଧିକାରୀ ନିର୍ବାଚନ ପ୍ରକ୍ରିୟାରେ ନିୟୋଜିତ ହେବେ। ଗତ ନିର୍ବାଚନର ବିଧାୟକ ଓ ଏମପି ପ୍ରାର୍ଥୀମାନଙ୍କ ସୁପାରିଶ ଅନୁସାରେ ତାଲିକା ପ୍ରସ୍ତୁତ ହୋଇଥିବା କୁହାଯାଇଛି। ବ୍ଲକ ଏବଂ ସହରାଞ୍ଚଳଗୁଡ଼ିକରେ ନିର୍ବାଚନ ସରିବା ପରେ ଜିଲା ସଭାପତି ପଦ ପାଇଁ ନିର୍ବାଚନ ହେବ। ନୂଆ ସଭାପତି କିଏ ହେବେ ସେନେଇ ଏବେଠୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ସଖୀ ସେଣ୍ଟର ଓ ଆଶ୍ରୟସ୍ଥଳ ପରିଦର୍ଶନ କଲେ ଜିଲାପାଳ

ବ୍ରହ୍ମପୁର,୨୭।୨(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ଅବିଦା ପରବିନ ଗୁରୁବାର ଏମକେସିଜି ପରିସରରେ ଥିବା ୱାନ ଷ୍ଟେପ ସଲ୍ୟୁଶନ କେନ୍ଦ୍ର (ସଖୀ)କୁ ଅଚାନକ ପରିଦର୍ଶନ କରିଛନ୍ତି । ଏହି ସେଣ୍ଟରରେ ଅସହାୟ ମହିଳାଙ୍କୁ ରଖି କାଉନସେଲିଂ କରାଯାଉଥିବା ବେଳେ ଏଠାରେ ରହିଥିବା ସୁବିଧା ଅସୁବିଧା ବିଷୟରେ ଜିଲାପାଳ ପଚାରି ବୁଝିଥିଲେ । ସେହିପରି ଶକ୍ତି ସଦନରେ ରହୁଥିବା ଅନ୍ତେବାସୀଙ୍କୁ ଭେଟି ବିଭିନ୍ନ କୋର୍ସ ମାଧ୍ୟମରେ ସ୍ୱାବଲମ୍ବୀ ହେବା ଦିଗରେ ଆଲୋଚନା କରିଥିଲେ। ସେହିପରି ସଖୀ ସେଣ୍ଟରର ବିଭିନ୍ନ ରେଜିଷ୍ଟାର ଯାଞ୍ଚ କରିଥିଲେ। ଜିଲାପାଳ ଓ ମଙ୍ଗଳ ଅଧିକାରୀଙ୍କ ଗସ୍ତ ସମୟରେ ସୁରକ୍ଷା ଅଧିକାରୀ ଡି. ନାଗରତମ ରେଡି, ଗୋପାଳକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସଖୀ ସେଣ୍ଟରର ପରିଚାଳିକା ମହାଶ୍ୱେତା ପାଢୀ ସହ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ । ସଖୀ ସେଣ୍ଟର ପରିଦର୍ଶନ କରିବା ପରେ ଜିଲାପାଳ ବାଞ୍ଛାନିଧିନଗର ସ୍ଥିତ ଶକ୍ତି ସଦନ ଓ ଅନ୍ୟ ଆଶ୍ରୟସ୍ଥଳ ପରିଦର୍ଶନ କରିଥିବା ସୂଚନା ମିଳିଛି ।


ଜିଲାପାଳ ସଖୀ କେନ୍ଦ୍ରର କାର୍ଯ୍ୟ ତନଖି କରୁଛନ୍ତି।

# ଟ୍ରେନରେ ଗଞ୍ଜେଇ ଚାଲାଣ: ଅଭିଯୁକ୍ତଙ୍କୁ କାବୁ କଲା ପୋଲିସ

ବ୍ରହ୍ମପୁର, ୨୭।୨(ସୁବାସ ଚନ୍ଦ୍ର ପାଢ଼ୀ) ଖଲିକୋଟ ରେଳଷ୍ଟେସନରୁ ବୁଧବାର ସନ୍ଧ୍ୟାରେ ରେଳ ସୁରକ୍ଷା ବଳ (ଆରପିଏଫ)ଟିମ ସନ୍ଦେହରେ ଜଣେ ଯୁବକଙ୍କୁ ଧରିଥିଲା। ତାଙ୍କ ଏୟାର ବ୍ୟାଗ ଯାଞ୍ଚ ବେଳେ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା। ପରେ ତାଙ୍କୁ ସରକାରୀ ରେଳବାଇ ପୋଲିସ (ଜିଆରପି)କୁ ହସ୍ତାନ୍ତର କରିଥିଲା। ପୋଲିସ ଉକ୍ତ ବ୍ୟାଗରୁ ୯କେଜି ୮୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଯୁବକ ଜଣଙ୍କ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବାଦଗଡର ସାଗର ଗୌଡ଼(୨୪)। ତାଙ୍କୁ ଜେରା ବେଳେ ସେ ଉକ୍ତ ଗଞ୍ଜେଇ ଗଜପତିରୁ ଆଣି ଖଲ୍ଲିକୋଟ ଆସିଥିଲେ। ପରେ ସେ ପୁରୀ ଅହମଦାବାଦ ଟ୍ରେନରେ ଚାଲାଣ କରିଥାନ୍ତେ ବୋଲି ସ୍ୱୀକାର କରିଛନ୍ତି। ନଂ.୨୭/୨୫ ରେ ଏକ ମାମଲା ରୁଜୁ ହୋଇଛି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଗଞ୍ଜେଇ ଚାଲାଣ ଖବର ପାଇବା ପରେ ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ କୁମାର ପଲାଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଆରପିଏଫ ଜିତେନ୍ଦ୍ର ମୟୂର ଖଲ୍ଲିକୋଟ ଷ୍ଟେସନରେ ପାଟ୍ରୋଲିଂ କରିବା ବେଳେ ସେ ଧରାପଡିଥିଲେ। ପୋଲିସ ଉକ୍ତ ଯୁବକଙ୍କୁ କାବୁ କରି ତାଙ୍କ ଠାରୁ ଗଞ୍ଜେଇ ସହ ଏକ ମୋବାଇଲ, ଟ୍ରେନ ଟିକେଟ, ଆଧାର କାର୍ଡ ମଧ୍ୟ ଜବତ କରିଥିବା କହିଛି।

# ମରଣାନ୍ତକ ଆକ୍ରମଣ ଘଟଣା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୭।୨(ଅଶେଷ ନାଥ ମିଶ୍ର)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଦଳିତ ସାହିର ବାସୁଦେବ ନାଇକଙ୍କୁ ତାଙ୍କ ପଡୋଶୀ ରବି ନାଇକ ଗତ ସୋମବାର ରାତିରେ ଛଡ଼ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଗୁରୁବାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଅଭିଯୁକ୍ତ ରବିଙ୍କୁ ମାମଲା ନଂ.୮୨/୨୫ରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି। ବାସୁଦେବ କାମ ପାଇଁ ବ୍ରହ୍ମପୁର ଯା'ଆସ କରନ୍ତି। ଘଟଣା ଦିନ ସେ ବ୍ରହ୍ମପୁରରୁ ଫେରି ଘର ବାରଣ୍ଡାରେ ଶୋଇଥିବା ବେଳେ ଗାଁରେ ଚିକେନ ଦୋକାନ କରିଥିବା ରବି ଆସି ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ବାସୁଦେବ ପ୍ରତିବାଦ କରିବାରୁ ଏକ ଛଡ଼ରେ ତାଙ୍କ ମୁଣ୍ଡକୁ ପିଟି ଚମ୍ପଟ ମାରିଥିଲେ। ପରିବାର ଲୋକେ ବାସୁଦେବଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଚିକିତ୍ସା ହୋଇ ଫେରିବା ପରେ ସେ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

# ଚୋରି ଟ୍ରକ୍ ଠାବ କଲା ପୋଲିସ

ଗୋପାଳପୁର,୨୭।୨(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଧିନସ୍ଥ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ପେଟ୍ରୋଲ ପମ୍ପ ପରିସରରେ ଟ୍ରକ୍‌କୁ ପାର୍କିଂ କରି ଡ୍ରାଇଭର ଏକ ହୋଟେଲରେ ଶୋଇଥିବା ସମୟରେ ଗାଡ଼ି ଚୋରି ହୋଇଥିଲା। ୨୪ ଘଣ୍ଟା ମଧ୍ୟରେ ପୋଲିସ ଉକ୍ତ ଟ୍ରକ୍‌କୁ ଠାବ କରିଛି। ଟ୍ରକ୍ ଠାବ କରିବା ପାଇଁ ଗୋଳନ୍ଥରା ଥାନା ପୋଲିସ ଏକ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ବୁଧବାର ରାତିରେ ପୁରୀ ଜିଲା ଖୁଣ୍ଟିଆ ବାଣପୁର ଅଞ୍ଚଳର ଏକ ନିଛାଟିଆ ସ୍ଥାନରୁ ଟ୍ରକ୍ ଠାବ ହୋଇଛି। ଚୋରି କରିଥିବା ଅଭିଯୁକ୍ତ ପଳାଇଥିଲେ। ଗୁରୁବାର ପୋଲିସ ଡ୍ରାଇଭର ମିଥଲେସ କୁମାରଙ୍କୁ ଟ୍ରକ୍ ହସ୍ତାନ୍ତର କରିଥିବା ଥାନାଧିକାରୀ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ବିହାରର ମିଥେଲେସ ଟ୍ରକ (ନଂ ବି ଆର ୦୧ ଜି ଏମ ୩୭୨୧) କୁ ଭାଲିଆଗଡ଼ ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ପରିସରରେ ପାର୍କିଂ କରି ନିକଟରେ ଥିବା ଏକ ହୋଟେଲରେ ଶୋଇଥିଲେ। ରାତି ପ୍ରାୟ ୧୨ ଟାରେ ଟ୍ରକ୍‌ଟି ନ ଥିଲା।

